## ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ବାର୍ତ୍ତା

ନବରଙ୍ଗପୁର,(ବି.ପ୍ର.)-ପରିବହନ ବିଭାଗ, ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ନବରଙ୍ଗପୁରରେ 'ଜାତୀୟ ସଡକ ସୁରକ୍ଷା ମାସ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଓ ଏସ୍‌ପି ପ୍ରହ୍ଲାଦ ମିନା ସବୁଜ ପତାକା ଦେଖାଇଲା ଏହାର ଶୁଭାରମ୍ଭ କରିଥିଲେ। ଏହିଉପଲକ୍ଷେ ସହରର ସଦାଶିବ ପାର୍କରୁ ଏକ ଶୋଭାଯାତ୍ରା ବାହାରି ନୂତନ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। 'ସଡକ ସୁରକ୍ଷା, ଜୀବନ ରକ୍ଷା' ହେଲମେଟ୍ ପିନ୍ଧିବା ଆଦି ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା। ସଡ଼କ ସୁରକ୍ଷା ସଚେତନ ପାଇଁ ଏକ ପ୍ରଚାର ରଥ ବାହାରିଛି। ତାହା ଜିଲା ବୁଲି ଲୋକଙ୍କୁ ସଚେତନ କରିବ। କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଆର୍‌ଟିଓ, ପୋଲିସ କର୍ମଚାରୀ, ବିଭିନ୍ନ ଅନୁଷ୍ଠାନ ସଦସ୍ୟ ଉପସ୍ଥିତ ଥିଲେ। ନବରଙ୍ଗପୁର ବସଷ୍ଟାଣ୍ଡକୁ ମଡେଲ ବସ୍‌ଷ୍ଟାଣ୍ଡଭାବେ ନିର୍ମାଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଯୋଦ୍ଧାଙ୍କୁ ଟିକା

**କାଳିମେଳା/ ଦଶମନ୍ତପୁର, ୧୮।୧(ଡି.ଏନ.ଏ.)**

କୋଭିଡ୍ ମହାମାରୀ ସାରା ବିଶ୍ୱକୁ କବଳିତ କରିଛି। ଏପରି ସ୍ଥଳେ ଭାରତରେ ଟିକା ଉଦ୍‌ଭାବନ ପରେ କରୋନାର ମୁକାବିଲା ନେଇ ସମସ୍ତଙ୍କ ମନରେ ଆଶା ସଞ୍ଚାର ହୋଇଛି। ଦେଶରେ ଟିକାଦାନ ଆରମ୍ଭ ହୋଇଛି। ସେହି କ୍ରମରେ ଆମ ରାଜ୍ୟରେ ମଧ୍ୟ ଟିକାକରଣ ଚାଲିଛି। ସୋମବାର କୋଭିଡ୍ ଟିକା ମାଲକାନଗିରି ଜିଲା କାଳିମେଳା ବ୍ଲକର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଷ୍ଟାଫ ନର୍ସ,ଆଶାକର୍ମୀ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଟିକା ନେଇଛନ୍ତି। ମାଲକାନଗିରି ଜିଲାରୁ ସ୍ୱତନ୍ତ୍ର ବ୍ୟବସ୍ଥାରେ କୋଭିଡ୍ ଟିକା କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏଠାରେ ଟିକାକରଣ ଆରମ୍ଭ ହୋଇଥିଲା। ବିଡିଓ ଉମାଶଙ୍କର ଦଳାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଆବିଦ ହୁସେନ ଖାନ, ଡାକ୍ତର ସୁଫେନ ହୁସେନ ଖାନ, ଡା.ରିମା ରାୟ, ବିପିଓ ବିକାଶ ମିଶ୍ର, ଫାର୍ମାସିଷ୍ଟ ମଦନମୋହନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ଷ୍ଟାଫ ନର୍ସଙ୍କ ସମେତ ୩ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଟିକାକରଣ କାର୍ଯ୍ୟ ପରିଚାଳନା କରିଥିଲେ। ୧୭୦ ଜଣ କୋଭିଡ୍ ଯୋଦ୍ଧା ଟିକା ନେଇଥିଲେ। ଟିକାକରଣ ପରେ କାଳେ ପାର୍ଶ୍ୱ ପ୍ରତିକ୍ରିୟା ପରିଲକ୍ଷିତ ହେବ ସେନେଇ ୨ଜଣ ଡାକ୍ତର ଏବଂ ଗୋଟିଏ ଆମ୍ବୁଲାନ୍ସ ସଜାଗ ରଖାଯାଇଥିଲା। ମାତ୍ର ଟିକା ନେଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ସେପରି କିଛି ପ୍ରତିକ୍ରିୟା ପରିଲକ୍ଷିତ ହୋଇ ନ ଥିଲା।


ଦଶମନ୍ତପୁରରେ ଜଣେ କରୋନା ଯୋଦ୍ଧା ଟିକା ନେଉଛନ୍ତି।


କାଳିମେଳାରେ ଟିକା ନେବାକୁ ଅପେକ୍ଷା କରିଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସୋମବାର କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଛି। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀରାମ ପରିଡ଼ା,ତହସିଲଦାର ଅଜୟ ପ୍ରକାଶ ତିର୍କୀ, ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ବିଡିଓ ଡମ୍ବରୁଧର ମଲ୍ଲିକ, ବିପିଏମ୍ ଶ୍ରୀକାନ୍ତ ଦାଶ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ନମିତା ପଣ୍ଡା, ଡାକ୍ତର ପରେଶ ଦଳେଇଙ୍କ ସମେତ ୧୬ଟି ପଞ୍ଚାୟତର ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ବ୍ୟବସ୍ଥା ରହିଥିବାରୁ ସରକାର ଏହାକୁ ଟିକାକରଣ କେନ୍ଦ୍ର ଭାବେ ମନୋନୀତ କରିଥିବା ଡାକ୍ତର ଦଳେଇ କହିଥିଲେ। ପ୍ରଥମେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦେବା ପରେ ଅନ୍ୟମାନେ ନେଇଥିଲେ।

## ଜିଲାରେ ଅଧିକ ୨ ଟିକାକରଣ କେନ୍ଦ୍ର ବୃଦ୍ଧି

**ମାଲକାନଗିରି, ୧୮।୧ (ଡି.ଏନ୍.ଏ.)**– ମାଲକାନଗିରି ଜିଲାର ୩ଟି କେନ୍ଦ୍ରରେ କୋଭିଡ୍-୧୯ ଟିକାକରଣ ଆରମ୍ଭ ହୋଇଥିଲା। ସୋମବାର ୨ ୟ ଦିବସରେ ଏହାକୁ ବୃଦ୍ଧି କରାଯାଇ ୫ଟି ଟିକାକରଣ କେନ୍ଦ୍ର କରାଯାଇଛି। ପ୍ରଥମ ଦିନରେ ୩ଟି କେନ୍ଦ୍ରରେ ୩ ଶହ ଜଣଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୮୬ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିଲା। ପ୍ରଥମ ଦିନରେ ଜିଲା ସଦର ମହକୁମା ଚିକିତ୍ସାଳୟ, ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପ୍ରଦାନ କରାଯାଇଥିଲା। ସୋମବାର ୨ଟି ନୂତନ କେନ୍ଦ୍ର କାଳିମେଳା ଓ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପ୍ରଦାନ କରାଯାଉଛି। ୫ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ମୋଟ ୭୭୦ ଜଣଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି।

## । ପିକ୍‌ନିକ୍ ସ୍ପଟ୍ ।

# ଗଦ୍‌ଗଦା ଜଳପ୍ରପାତ




ପାହାଡ଼ ପର୍ବତ ଘେରା ରାୟଗଡ଼ା ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଝରଣା ଓ ଜଳପ୍ରପାତର ଅଭାବ ନାହିଁ। ହେଲେ ଏଥିମଧ୍ୟରୁ କେତୋଟି ଜିଲା ତଥା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବାବେଳେ ଆଉ କେତେକ ଦୃଷ୍ଟି ଆଢୁଆଳରେ ରହିଛି। ଜିଲାର ପ୍ରମୁଖ ଜଳପ୍ରପାତ ମଧ୍ୟରେ ବିଷମକଟକ ବ୍ଲକ୍ କୁର୍ଲି ପଞ୍ଚାୟତ ତଥା ନିୟମଗିରି ପର୍ବତାଞ୍ଚଳରେ ରହିଥିବା ଗଦ୍‌ଗଦା ଜଳପ୍ରପାତ ଅନ୍ୟତମ।

ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପ୍ରାୟ ୩୦ ରୁ ୪୦ ଫୁଟ ଉଚ୍ଚରୁ ଝରିଆସୁଥିବା ଝରଣା ଏବଂ ଶୈବପୀଠ ଏଠାକାର ପ୍ରମୁଖ ଆକର୍ଷଣ। ଏତଦ୍‌ବ୍ୟତୀତ ଆଦିମ ଜନଜାତି ଡଙ୍ଗରିଆଙ୍କ ଚାଲିଚଳଣି ଓ ନିୟମଗିରି ପର୍ବତର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଏହା ପରିସରରେ ପିକ୍‌ନିକ୍‌ର ମଜା ଉଠାଇବାକୁ ଏଠାରେ ଶୀତଋତୁରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ନିୟମଗିରି ପାହାଡ଼ର ସବୁଜିମାଭରା ଅଙ୍କାବଙ୍କା ରାସ୍ତାଦେଇ ଯିବାବେଳେ ଶୀତର ସ୍ପର୍ଶ ଏବଂ ରାସ୍ତା ପାର୍ଶ୍ୱରେ କଦଳୀ ବଗିଚା, କମଳା, ହଳଦୀ, ଅଦା ବଗିଚାର ଦୃଶ୍ୟ ମଧ୍ୟ ମନକୁ କମ୍ ଛୁଇଁ ନ ଥାଏ। ଚାଟିକଣା ତଥା ନିୟମଗିରି ପାଦଦେଶରେ ରହିଥିବା ଶୈବପୀଠକୁ ଇକୋ ଟୁରିଜମ୍ କରିବା ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫଳକ ଲାଗିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସୁବିଧା କରାଯାଇନାହିଁ। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ବନ ବିଭାଗ ପକ୍ଷରୁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଇକୋ ଟୁରିଜମ୍ ନିମନ୍ତେ ମଞ୍ଜୁର କରାଯାଇଥିଲା। କିନ୍ତୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ତାହା ହୋଇପାରି ନ ଥିଲା। ଏବେ ବିଷମକଟକ ବ୍ଲକ୍ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ଗଦ୍‌ଗଦା ଜଳପ୍ରପାତ ପରିସରର ଉନ୍ନତୀକରଣ କରାଯାଉଛି। ଏହି ଅଞ୍ଚଳର ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଉଛି।

### କେମିତି ଯିବେ

ରାୟଗଡ଼ା ସହରରୁ ୪୦କି.ମି. ଦୂରତାରେ ରହିଛି ଚାଟିକଣା। ସେଠାରୁ ୨କି.ମି. ପରେ ପଡ଼େ ପ୍ରସିଦ୍ଧ ଶୈବପୀଠ। ସେଠାରୁ ନିୟମଗିରି ପର୍ବତ ଉପରକୁ ଆଉ ୨.୫ କି.ମି. ବାଟ ଗଲେ ରାସ୍ତା ପାର୍ଶ୍ୱରେ ପଡ଼େ ଗଦ୍‌ଗଦା ଜଳପ୍ରପାତ।

– ରିପୋର୍ଟ: ବିଭୂତି ଭୂଷଣ ନାୟକ, ବିଷମକଟକ, ରାୟଗଡ଼ା

# ମୃତଦେହ ରଖି ମୁଖ୍ୟରାସ୍ତା ଅବରୋଧ

**ଦୁର୍ଘଟଣାଗ୍ରସ୍ତଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା**

**ଟିକିରି,୧୮।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ ଡେଙ୍ଗାଗୁଡ଼ା ନିକଟ ଛକରେ ରବିବାର ଏକ ବୋଲେରୋ ଧକ୍କାରେ ଜଣେ ବାଇକ୍ ଚାଳକ ଏବଂ ୨ ଆରୋହୀ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରେ ରହିଥିଲେ ମାଇକଞ୍ଚ ପଞ୍ଚାୟତ କଟାଳି ଗ୍ରାମର ପ୍ରତାପ ଝୋଡ଼ିଆ, ମହେଶ୍ୱର ଝୋଡ଼ିଆ ଏବଂ କୁମ୍ଭାରଶିଳା ଗ୍ରାମର ଲକ୍ଷ୍ମଣ ନାଏକ। ପ୍ରତାପଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ସେଠାରେ ପ୍ରତାପଙ୍କ ମୃତ୍ୟୁ ଘଟିଛି। ତେବେ ଦୁର୍ଘଟଣା ଘଟାଇଥିବା ବୋଲେରୋ ଚାଳକଙ୍କୁ ପୋଲିସ ଧରି ନ ଥିବାରୁ ପ୍ରତାପଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛ। ସୋମବାର ସନ୍ଧ୍ୟାରେ ସେମାନେ ଡେଙ୍ଗାଗୁଡ଼ା ମୁଖ୍ୟରାସ୍ତାରେ ମୃତଦେହ ରଖିବା ସହ ନିଆଁଜାଳି ରାସ୍ତା ଅବରୋଧ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଚାଳକଙ୍କୁ ଧରିବା ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବର ପାଇ ଟିକିରି ଥାନାଧିକାରୀ ବନ୍ଦନା ନାଏକ ଏବଂ ପୋଲିସ ଟିମ୍ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ସେମାନେ ଜିଦ୍‌ରେ ଅଟଳ ରହିଥିବା ସୂଚନା ମିଳିଛି।


ପରିବାର ଲୋକେ ଓ ଗ୍ରାମବାସୀ ମୁଖ୍ୟରାସ୍ତାରେ ମୃତଦେହ ରଖି ଅବରୋଧ କରିଛନ୍ତି।

# 'ଉତ୍ପାଦର ଠିକ୍ ମୂଲ୍ୟ ପାଉନାହାନ୍ତି ଚାଷୀ'


ବୈଠକରେ ଉପସ୍ଥିତ ଅତିଥିମାନେ।

**ନବରଙ୍ଗପୁର,୧୮।୧(ବି.ପ୍ର.)**

ନବରଙ୍ଗପୁର ବ୍ଲକ ହିର୍ଲିସ୍ଥିତ ନୂତନ ମଣ୍ଡେଇ ପଡିଆରେ ସୋମବାର କୃଷକ ମହିଳା ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ୧୦ଟି ବ୍ଲକ ଓ ଅବିଭକ୍ତ କୋରାପୁଟ ଜିଲାରୁ କୃଷକମାନେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମହାସଂଘ ସଭାପତି ସଚିନ ମହାପାତ୍ର ଯୋଗ ଦେଇଥିଲେ। କୃଷକଙ୍କ ସମସ୍ୟା, କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍‌କୁ ବିରୋଧ କରଯାଇଛି। କୃଷି ଆଇନ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ଦକ୍ଷିଣାଞ୍ଚଳ ସଭାପତି ପ୍ରଭାକର ହନ୍ତାଳ, କଟକ ଜିଲା ସଭାପତି ଦୁର୍ଗା ପରିଡା, ଯାଜପୁର ସଭାପତି ରବି ସାହୁ, ପଶ୍ଚିମାଞ୍ଚଳ ସଭାପତି ସନାତନ ପ୍ରଧାନ, ବଲାଙ୍ଗୀର ସଭାପତି ସତ୍ୟ ରଞ୍ଜନ ସାହୁ, ନବରଙ୍ଗପୁର ବ୍ଲକ ସଭାପତି ନରହରି ମାଝି, ଦେବରାଜ ନାଗ, ଜିଲା ଉପଦେଷ୍ଟା ଚନ୍ଦ୍ର ଧ୍ୱଜ ମାଝି, ପ୍ରକାଶ ନାଗ, ମାଲକାନଗିରି ଜିଲା ସଭାପତି ସୋନୁ ଅନୁଗୁ, କୋରାପୁଟ ଜିଲା ସଭାପତି ଗୋକୁଳ ହନ୍ତାଳ ଓ ସଭ୍ୟ ସତ୍ୟଜିତ ପ୍ରଧାନ ଉପସ୍ଥିତ ଥିଲେ। ଚାଷୀ ଶୋଷଣର ଶିକାର ହେବା ସହ ଉତ୍ପାଦର ଠିକ ମୂଲ୍ୟ ପାଉ ନ ଥିବା ଜିଲା ସଂଘ ସଭାପତି ଦିବାକର ପୂଜାରୀ କହିଛନ୍ତି। ଚାଷୀଙ୍କ କଷ୍ଟ, ଶ୍ରମ ଓ ଉତ୍ପାଦନ ଉପରେ ଜିଲା ସମ୍ପାଦକ ଭଗବାନ ବୈରାଗୀ ଆଲୋକପାତ କରିଥିଲେ। ନବରଙ୍ଗପୁର ଜିଲାରେ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ ପାଇଁ ମଣ୍ଡି ବ୍ୟବସ୍ଥା ନାହିଁ। ମକା, ଆଖୁ ସରକାରଙ୍କ ଧାର୍ଯ୍ୟମୂଲ୍ୟରୁ ବହୁ ଗୁଣା କମରେ ବିକ୍ରୀ କରିବାକୁ ଚାଷୀ ବାଧ୍ୟ ହେଉଛି ବୋଲି ବୈଠକରେ ଆଲୋଚନା ହୋଇଛି।

### ସଂକ୍ଷେପରେ

## କ୍ଷିତି ଭୂଷଣ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶାର ନୂଆ ଉପ କୁଳପତି



**କୋରାପୁଟ,୧୮।୧ (ସ୍ୱ.ପ୍ର.)**- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା (ସିୟୁଓ)ର ଉପ କୁଳପତି ଭାବେ ସୋମବାର ପ୍ରଫେସର କ୍ଷିତି ଭୂଷଣ ଦାସ ସିୟୁଓର ସୁନାବେଡାସ୍ଥିତ ମୁଖ୍ୟ କ୍ୟାମ୍ପସଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କୁଳପତି ପ୍ରଫେସର ରାମବ୍ରହ୍ମମ ପ୍ରଫେସର ଦାସଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଫେସର ଦାସ ଏହା ପୂର୍ବରୁ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଉପକୁଳପତି ଭାବେ କାର୍ଯ୍ୟ କରୁଥିଲେ। ପ୍ରଫେସର ଦାସ ତାଙ୍କ ୩୮ ବର୍ଷ ଚାକିରି ଜୀବନ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ଓ ପ୍ରବନ୍ଧନ ବିଭାଗର ଡିନ, ସୋଆ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଭାବେ କାର୍ଯ୍ୟ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ ସହ କାର୍ଯ୍ୟକ୍ରମ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ବାଣିଜ୍ୟରେ ପିଏଚଡି କରିବା ସହ ବାଣିଜ୍ୟ ବିଭାଗ ସମ୍ପର୍କିତ ୫ଟି ଉପାଦେୟ ପୁସ୍ତକ ରଚନା କରିଛନ୍ତି। ତାଙ୍କର ୭୦ରୁ ଉର୍ଦ୍ଧ୍ୱ ରିସର୍ଚ୍ଚ ପେପର ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ଜର୍ଣ୍ଣାଲମାନଙ୍କ ରେ ପ୍ରକାଶିତ ହୋଇଛି। ସେ ୟୁଜିସି ଏକ୍ସପର୍ଟ କମିଟିରେ ସଦସ୍ୟ, ନାକ କମିଟିର ସଦସ୍ୟ, ବିପିୟୁଟିର ଗଭର୍ଣ୍ଣିଂ ବଡି ସଦସ୍ୟ ସହ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ଭିଜିଟର ପ୍ରଫେସର ଭାବେ କାର୍ଯ୍ୟ କରି ନିଜ କାର୍ଯ୍ୟଦକ୍ଷତାର ପରିଚୟ ଦେଇଛନ୍ତି।

## ଜାତୀୟ ଯୁବ ସପ୍ତାହ ପାଳିତ

**ରାୟଗଡ଼ା ଅଫିସ,୧୮।୧**- ରାୟଗଡ଼ା ଅଟୋନୋମସ କଲେଜରେ ଜାତୀୟ ଯୁବ ସପ୍ତାହ ଏବଂ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜର ଅଧକ୍ଷା ପ୍ରଫେସର ଭି. ଆର୍. ରତ୍ନଶ୍ରୀ ଉପସ୍ଥିତ ରହି କଲେଜର ଛାତ୍ରୀଛାତ୍ରଙ୍କୁ ଏବେକା ପରିସ୍ଥିତିରେ ଯୁବକମାନଙ୍କ ସମାଜ ପ୍ରତି ଓ ଦେଶ ପ୍ରତି ରହିଥିବା କର୍ତ୍ତବ୍ୟ ବିଷୟରେ କହିଥିଲେ। ସଭାକୁ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ପ୍ରୋଗ୍ରାମ୍ ଅଫିସର ଅଶୋକ କୁମାର ସାହୁ, ଲିଜାରାଣୀ ଶତପଥୀ ଓ ଭାସ୍କର ଗୁପ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପୂର୍ବତନ ଜିଲାପାଳଙ୍କ ଗିରଫ ଦାବିରେ କଂଗ୍ରେସର ଦାବିପତ୍ର

**ମାଲକାନଗିରି, ୧୮।୧ (ଡି.ଏନ୍.ଏ.)**–

ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଗିରଫ ଦାବି ନେଇ ସୋମବାର କଂଗ୍ରେସ ପକ୍ଷରୁ ମାଲକାନଗିରି ଏସ୍‌ପି ହ୍ରିସିକେଶ୍ ଡି. ଖିଲାରି ଓ ଜିଲାପାଳ ୱାଇ. ବିଜୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମାଲକାନଗିରି ତତ୍କାଳୀନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲାକୁ ନେଇ ପୂର୍ବତନ ଜିଲାପାଳ ଅଗ୍ରୱାଲଙ୍କ ନାମରେ ମକଦ୍ଦମା ରୁଜୁ ହୋଇଥିଲା। ୩୦୨ ଦଫା ଲାଗିଥିଲା। ମାଲକାନଗିରି ଏସ୍‌ପିଙ୍କ ପକ୍ଷରୁ ଏସ୍‌ଆଇଟି ଗଠନ କରାଯାଇ ଏହାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ପୂର୍ବତନ ଜିଲାପାଳଙ୍କୁ ଅଗ୍ରୱାଲଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇନାହିଁ। ନିୟମ ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ବିରୋଧରେ ୩୦୨ ଦଫା ଲାଗିଲେ ତାଙ୍କୁ ତୁରନ୍ତ ଗିରଫ କରି କୋର୍ଟରେ ହାଜର କରିଯିବା କଥା। ମାତ୍ର ଏହି ପୂର୍ବତନ ଜିଲାପାଳଙ୍କ କ୍ଷେତ୍ରରେ ଏହା ଏଯାଏ କରାଯାଇନାହିଁ କାହିଁକି ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛଇ। ତୁରନ୍ତ ଅଗ୍ରୱାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ କଂଗ୍ରେସ ୨୯ରୁ ରାଜରାସ୍ତାକୁ ଓହ୍ଲାଇବା ସହ ମାଲାକନଗିରି ଥାନା ଘେରାଉ କରିବ ବୋଲି କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ପାତ୍ର କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜି. ଶ୍ରୀ ନିବାସ ରାଓ, ପି. କେଶୁ ରାଓ, ପଦ୍ମ ପାଙ୍ଗି ଉପସ୍ଥିତ ଥିଲେ।


କଂଗ୍ରେସ କର୍ମକର୍ତ୍ତାମାନେ ଏସ୍‌ପିଙ୍କୁ ଦାବିପତ୍ର ଦେଉଛନ୍ତି।

### ଶିଶୁପୁତ୍ରକୁ ବିକି ବାପା ଆତ୍ମହତ୍ୟା କରିବା ଘଟଣା

## ମା' କୋଳକୁ ଫେରିଲା ୪ମାସର ଶିଶୁ

**ମାଲକାନଗିରି,୧୮।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସପ୍ତଧାରା ଗ୍ରାମରେ ୪ମାସର ଶିଶୁପୁତ୍ରକୁ ବିକ୍ରି କରି ମନସ୍ତାପରେ ୪ମାସ ପରେ ବାପା ଆତ୍ମହତ୍ୟା କରିବା ଘଟଣା ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି କରିଥିଲା। ପ୍ରଶାସନ ବହୁ ଖୋଜାଖୋଜି କରି ବିକ୍ରି ଶିଶୁପୁତ୍ରକୁ ୧୩ରେ କୁଡୁମୁଲୁଗୁମ୍ମାରୁ ଉଦ୍ଧାର କରିଥିଲା। ଏହି ସମୟରେ ଶିଶୁର ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ତାକୁ ମାଲାକନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ଲାଗି ପଠାଯାଇଥିଲା। ସୋମବାର ଉକ୍ତ ଶିଶୁପୁତ୍ର ସୁସ୍ଥ ହେଲା ପରେ ତାକୁ ନିଜ ମା'ଙ୍କୁ ହସ୍ତାନ୍ତର କରିଛି ଚାଇଲ୍ଡ ଲାଇନ। ଏ ସମ୍ପର୍କରେ ଚାଇଲ୍ଡ ଲାଇନ୍ ଅଧକ୍ଷ ନିତ୍ୟାନନ୍ଦ ପ୍ରଧାନ କହିଛନ୍ତି ଯେ, ଶିଶୁଟି ସୁସ୍ଥ ହେବା ପରେ ମା'ଙ୍କୁ ଦେଇଛୁ। ବର୍ତ୍ତମାନ ଏହି ପରିବାରର ସମସ୍ତ ସଦସ୍ୟଙ୍କୁ ଗୋବିନ୍ଦପାଲି ବୃଦ୍ଧାଶ୍ରମରେ ରଖାଯାଇଛି। ଆଗାମୀ ଦିନରେ ତାଙ୍କର ସମସ୍ତ ଦାୟିତ୍ୱ ଆମ ସଂସ୍ଥା ପକ୍ଷରୁ ବହନ କରାଯିବ ବୋଲି ପ୍ରଧାନ କହିଛନ୍ତି।

# ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଘାଟିତ

**ମାଲକାନଗିରି,୧୮।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ମହକୁମାରେ ସୋମବାର ଜାତୀୟ ସଡକ ସୁରକ୍ଷା ମାସ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ୱାଇ. ବିଜୟ ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏସ୍‌ପି ହ୍ରିଷିକେଶ ଡି.ଖିଲାରି, ଉପଜିଲାପାଳ ରାମେଶ୍ୱର ପ୍ରଧାନ ଉପସ୍ଥିତଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତଗୁଡିକ ପରିକ୍ରମା କର ଲୋକଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରିବ। ରାସ୍ତାରେ ଚାରିଚକିଆ ଓ ବାଇକ୍ ଚଳାଇବା ବେଳେ ସମସ୍ତ ନିୟମ ମାନିବାକୁ ଲୋକଙ୍କୁ ସଚେତନ କରାଯିବ।

# କୋଟପାଡ଼ ବସ୍ତି ବାସିନ୍ଦା ଉନ୍ନୟନ ପରିଷଦ ବୈଠକ

**ଚାନ୍ଦିଲି (କୋଟପାଡ଼),୧୮।୧(ଡ଼ି. ଏନ. ଏ.)**

କୋଟପାଡ଼ ଅଞ୍ଚଳ ବସ୍ତି ବାସିନ୍ଦା ଉନ୍ନୟନ ପରିଷଦ ପକ୍ଷରୁ ସଭାପତି ପଙ୍କଜ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ସାଧାରଣ ସଭା କୋଟପାଡ଼ର ଏକ କଲ୍ୟାଣ ମଣ୍ଡପ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଦୀପ ବକ୍ସି ୱାର୍ଡମାନଙ୍କରେ ଲାଗି ରହିଥିବା ମୌଳିକ ସମସ୍ୟା ଗୁଡିକର ସମାଧାନ ଲାଗି ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ସଭାପତି ପାତ୍ର ସରକାରଙ୍କ ଦ୍ୱାରା ବସ୍ତିବାସିନ୍ଦାଙ୍କ ପାଇଁ ବହୁ ଉନ୍ନତିମୂଳକ ଯୋଜନା କରାଯାଇଥିବା ବେଳେ କୋଟପାଡରେ ଏହାର ଉପଯୁକ୍ତ ଉପଯୋଗ କରାଯାଉ ନ ଥିବା ନେଇ ଅଭିଯୋଗ କରିଥିଲେ। ଏହି ଅବସରରେ ପରିଷଦର ଉପସଭାପତି ରୂପେ ଗୌର ପ୍ରସାଦ ରଥ, ବାଳକୃଷ୍ଣ ବିଶୋୟୀ, ସଲିମ ଖାନ, ଦୁର୍ଗା ପ୍ରସନ୍ନ ସାହୁ, ବିଜୁ ମାଦଳା ଏବଂ ଉପଦେଷ୍ଟା ରୂପେ ଜିତେନ୍ଦ୍ରନାଥ ମହାପାତ୍ର ଓ ଗୁପ୍ତ କୈଳାସ ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ସେହିପରି ୧୩ଟି ୱାର୍ଡର ସଭାପତି ଚୟନ କରାଯାଇଥିଲା।

# ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସାଇକେଲ ରାଲି


ଅତିଥିମାନେ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

**କୋରାପୁଟ,୧୮।୧(ସ୍ୱ.ପ୍ର.)**

୩୨ତମ ସଡକ ସଚେତନତା ସପ୍ତାହ ପାଳନ ଅବସରରେ ଲୋକଙ୍କୁ ସଚେତନ କରିବାକୁ ଏକ ସଚେତନତା ସାଇକେଲ ରାଲି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗାଡିକୁ ଆବଶ୍ୟକ ପଡିଲେ ବ୍ୟବହାର କରିବା, ସ୍ୱଚ୍ଛ ପରିବେଶ ସହିତ ପେଟ୍ରୋଲର କମ ବ୍ୟବହାର ନେଇ ଏହି ରାଲି ମାଧ୍ୟମରେ ବାର୍ତ୍ତା ରହିଥିଲା। କୋରାପୁଟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସଚେତନତା ରଥ ଓ ରାଲିକୁ ଜିଲାପାଳ ମଧୁସୂଦନ ମିଶ୍ର ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଅତିଥିଭାବେ ସବୁଜପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏସଡିପିଓ ଗୁଣନିଧି ମଲ୍ଲିକ, ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ସମେତ କୋରାପୁଟ ଟାଉନ ଓ ସଦର ଥାନାର ସମସ୍ତ ପୋଲିସ ଓ ଯୁବକ ଓ ଛାତ୍ରୀଛାତ୍ରମାନେ ସାଇକେଲ ଚଳାଇ ପ୍ଲାକାର୍ଡମାନ ଧରି ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଆଂଚଳିକ ପରିବହନ କାର୍ଯ୍ୟାଳୟପକ୍ଷରୁ ପ୍ରସ୍ତୁତ ଏକ ରଥ ସହର ପରିକ୍ରମା କରିବା ସହିତ ଟ୍ରାଫିକ ନିୟମ ଅମାନ୍ୟ କଲେ ମୋଟରଯାନ ଆଇନ ଅନୁସାରେ ଦଣ୍ଡିତ ହେବେ ବୋଲି ଲୋକଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସ ପରିଚାଳନା କରିଥିଲେ।

## ଜଗନ୍ନାଥପୁର ସିଏଚ୍‌ସିରେ ଟିକାକରଣ ଆରମ୍ଭ

**ଗୁଣପୁର,୧୮।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ରେ ସୋମବାର କରୋନା ଟିକାକରଣର ଶୁଭାରମ୍ଭ ହୋଇଛି। ସଫେଇ କର୍ମଚାରୀ କୁଲକା କାଞ୍ଚନା ପ୍ରଥମ ଟିକା ନେଇଥିଲେ। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଏହାର ଶୁଭାରମ୍ଭ କରିଥିଲେ। ବିଡିଓ ଶାନ୍ତିପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ହିମାଂଶୁ ଦାସ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୋପାଳ ପଟ୍ଟନାୟକ, ବିପିଏମ୍ ସୁନିଲ୍ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୮୦ଜଣ ଟିକା ନେଇଥିଲେ। ସେହିପରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦ୍ୱିତୀୟ ଦିନରେ ୪୯ଜଣ ଟିକା ନେଇଛନ୍ତି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ରାୟଗଡ଼ା ଅଫିସ,୧୮।୧**

ରାୟଗଡ଼ା ସହର କୋଅପରେଟିଭ୍ କଲୋନୀ ନିବାସୀ ଶ୍ରୀନିବାସ ରାଓ ପଟ୍ଟନାୟକଙ୍କ ଘରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ଘରୁ ୨ଲକ୍ଷ ଟଙ୍କା, ୩ ତୋଳା ସୁନା ଏବଂ ରୁପା ଚୋରି ହୋଇଛି। ସୂଚନା ଅନୁଯାୟୀ, ଶ୍ରୀନିବାସ ପୋଙ୍ଗଲ ପାଇଁ ପରିବାର ସହ ଝିଅ ଘରକୁ ଯାଇଥିଲେ। ରବିବାର ଘରକୁ ଫେରି ସେ ଚୋରି ବିଷୟରେ ଜାଣିବା ପରେ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲସ୍ ପହଞ୍ଚି ତଦନ୍ତ ଚଳାଇଛି।

# ୨୪ ପର୍ଯ୍ୟନ୍ତ ଜିଲାରେ ଗଡ଼ିବ ସଚେତନତା ରଥ

**ରାୟଗଡ଼ା ଅଫିସ,୧୮।୧**–

ରାୟଗଡ଼ା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ଆରମ୍ଭ ହୋଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ବସ୍ ଟର୍ମିନସଠାରେ ଜିଲାପାଳ ସରୋଜ ମିଶ୍ର ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆର୍‌ଟିଓ ଦିଲୀପ୍ ଦଳେଇ ଏବଂ ଏସ୍‌ପି ବିବେକାନନ୍ଦ ଶର୍ମା ଉପସ୍ଥିତ ଥିଲେ। ଆରଟିଓ ଲୋକଙ୍କୁ ବିଭିନ୍ନ ଟ୍ରାଫିକ୍ ନିୟମ ବିଷୟରେ ସଚେତନ କରିଥିଲେ। ସେହିପରି ସଚେତନତା ରଥ ସପ୍ତାହ ଧରି ଲୋକଙ୍କୁ ପାମ୍ପଲେଟ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରିବ। ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଏହି ରଥ ୨୪ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ୍‌ରେ ଲୋକଙ୍କୁ ସଚେତନ କରିବ। ପ୍ରଥମ ଥର ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ମାସେ ଧରି ଚାଲିବ। ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କଲେ ସରକାରଙ୍କ ତରଫରୁ ୨ହଜାର ଟଙ୍କା ପୁରସ୍କାର ରାଶି ଆକାରରେ ଦିଆଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏସ୍‌ଡିପିଓ ତପନ ନାରାୟଣ ରଥ, ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଜିଲାପାଳ ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ କୋଭିଡ୍ କେୟାର ହୋମ୍, ଓଏସ୍‌ଆର୍‌ଟିସିର କାର୍ଯ୍ୟାଳୟ ଏବଂ ବସଷ୍ଟାଣ୍ଡସ୍ଥିତ ଶୌଚାଳୟ ବୁଲି ଦେଖିଥିଲେ।

- ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ
- ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଲେ ମିଳିବ ୨ହଜାର



ଜିଲାପାଳ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଧରିତ୍ରୀ DHARITRI
ରାୟଗଡ଼ା, ମଙ୍ଗଳବାର, ଜାନୁୟାରୀ ୧୯, ୨୦୨୧



## ଅଲେଖ ସମାଜ ସମାବେଶ

ଚିତ୍ରକୋଣ୍ଡା,(ଡି.ଏନ୍.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ଉପାନ୍ତ ନୂଆଗୁଡ଼ା ପଞ୍ଚାୟତର ଆର୍.ଏସ୍.ସି-୧୧ସ୍ଥିତ ସିଦ୍ଧିଗଣେଶ ବାବାଙ୍କ ଶୂନ୍ୟ ମନ୍ଦିରଠାରେ କୋରାପୁଟ ଓ ମାଲକାନଗିରି ଜିଲାର ଅଲେଖ ମହିମାଧର୍ମୀଙ୍କ ଏକ ସମାବେଶ ସୋମବାର ଅନୁଷ୍ଠିତ ହୋଇଛି। ୪ମାସ ହେଲା ଚରଣ ବାବାଙ୍କ ଦେହାନ୍ତ ପରେ ଅଲେଖ ସମାଜର ଉପରୋକ୍ତ ୨ ଜିଲା ଅଲେଖ ସମାଜ ପରିଚାଳନା ପାଇଁ ସଭାପତି ପଦ ଖାଲି ପଡ଼ିଥିଲା। ଉଭୟ ଜିଲାର ବରିଷ୍ଠ ଚହଲିଆ,ଅଲେଖ ଧର୍ମୀ, ଆଇତୁ ବାବାଙ୍କ ଉପସ୍ଥିତିରେ ସହଦେବ ବାବାଙ୍କୁ ନୂଆ ସଭାପତି ଭାବରେ ଚୟନ କରାଯାଇଥିଲା। ଉଭୟ ଜିଲାର ଅଲେଖ ମହିମା ଧର୍ମୀ ସମାଜକୁ ଠିକ୍ ମାର୍ଗରେ ପରିଚାଳନା କରିବାକୁ ଏହି ଅବସରରେ ସେ ମତ ଦେଇଥିଲେ। ପରେ ସମସ୍ତେ ସିଦ୍ଧିଗଣେଶ ବାବାଙ୍କ ଶୂନ୍ୟମନ୍ଦିର ଏବଂ ଯଜ୍ଞମଣ୍ଡପ ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ଖରା, ଶୁକ୍ରା ମୁଦୁଲି,ଡମ୍ବରୁ ଗଲରି ଓ ପରଦେଶୀ ଖିଲ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କ ଆତ୍ମହତ୍ୟା

ଝରିଗାଁ, ୧୮।୧(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ସାନଟେମରା ଗ୍ରାମ ନିକଟ ଜଙ୍ଗଲରେ ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ଇଚ୍ଛାପୁର ପଞ୍ଚାୟତ କର୍ଲାପଡା ଗ୍ରାମର ନରସିଂହ ମାଝିଙ୍କ ଝିଅ ବୁଦନ୍ତି (୧୪)। ପ୍ରକାଶ ଯେ, ରବିବାର କୌଣସି କଥାକୁ ନେଇ ଘରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ବୁଦନ୍ତି ଅପରାହ୍ନରେ ଘରୁ କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ମିଳି ନ ଥିଲା। ସେମାବାର ସକାଳୁ ବୁଦନ୍ତିଙ୍କ ଝୁଲନ୍ତା ମୃତଦେହ ସାନଟେମରା ଗ୍ରାମରୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଥାନା ଏଏସ୍‌ଆଇ ଅଶୋକ କୁମାର ପାଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଝରିଗାଁ ଥାନାରେ ୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ସନ୍ତୋଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

ତେନ୍ତୁଲିଖୁଣ୍ଟି,୧୮।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡାରେ ସନ୍ତୋଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପାୱାର କ୍ରିକେଟ କ୍ଲବ, ଇନ୍ଦ୍ରାବତୀ କ୍ରୀଡା ଓ ସାଂସ୍କୃତିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗୌରୀ ଶଙ୍କର ମାଝି ମୁଖ୍ୟଅତିଥିଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ସନ୍ତୋଷ ପାତ୍ର ପିଣ୍ଟୁ ମିଶ୍ର, ହରେକୃଷ୍ଣ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ସୁଶିଳା ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଥମ ଦିନରେ ଦୁଇଟି ମ୍ୟାଚ ଖେଳାଯାଇଛି। ଭୀମ ବିଶୋଇ ଓ ସୁଜିତ ଘନା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଇଙ୍କୋ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।

### ନିଆଁ ଲାଗି ଜଳିଗଲା ଦୁଇ ଭାଇଙ୍କ ଘର

ତେନ୍ତୁଲିଖୁଣ୍ଟି, ୧୮।୧(ଡି.ଏନ୍.ଏ.)- ତେନ୍ତୁଲିଖୁଣ୍ଟି ବ୍ଲକ୍ ଦିଗି ପଞ୍ଚାୟତ ସଲପ ଗ୍ରାମର ଦୁଇଭାଇ ଲିଙ୍ଗରାଜ ପ୍ରଧାନୀ ଓ ରଞ୍ଜନ ପ୍ରଧାନୀଙ୍କ ଘରେ ନିଆଁ ଲାଗିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପୋଡ଼ିଯାଇଥିବା ସୂଚନା ମିଳିଛି। ଘରେ କେହି ନ ଥିବାବେଳେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ବିଧାୟକ ସଦାଶିବ ପ୍ରଧାନୀ ଓ ବ୍ଲକ ଯୁବ ବିଜେଡି ସଭାପତି ବିକ୍ରମ ପ୍ରଧାନୀ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ଭେଟି ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି।

### ୯୭ ଜଣଙ୍କୁ କରୋନା ଟିକା

ଡାବୁଗାଁ, ୧୮।୧ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର କରୋନା ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ଦେବେନ୍ଦ୍ର କୁମାର ନାୟକ ପ୍ରଥମେ ଟିକା ନେଇଥିଲେ। ପରେ ଡାକ୍ତର ବଦ୍ରିପ୍ରସାଦ ନାୟକ, ଷ୍ଟାଫ ନର୍ସ ନିର୍ଝରିଣୀ ସୁନା ଓ ଫାର୍ମାସିଷ୍ଟ ଦିଲୀପ କୁମାର ଗୁପ୍ତା ଟିକା ନେଇଥିଲେ। ସରକାରଙ୍କ ନିୟମାନୁସାରେ ଟିକା ନେବାର ଅଧାଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ପର୍ଯ୍ୟବେକ୍ଷଣ କକ୍ଷରେ ରଖାଯାଇଥିଲା। ସେମାନଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥିଲା । ଡାବୁଗାଁରେ ୧୩୦ଜଣ ଟିକା ନେବାକୁ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୯୭ ଜଣଙ୍କୁ ଟିକା ଦିଆଯାଇଛି। ଟିକାକରଣ ସମୟରେ ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ମଳୟ କୁମାର ତ୍ରିପାଠୀ, ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା ଶୁଭଙ୍କର ଜେନା, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ଶୁଭାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍ତି ଅଞ୍ଚଳର ବିକାଶ ଦାବି

ଜୟପୁର, ୧୮।୧(ନି.ପ୍ର.)- ଜୟପୁର ପୌରାଞ୍ଚଳର ବସ୍ତିବାସିନ୍ଦା ବସ୍ତି ଅଞ୍ଚଳର ବିକାଶ ଲାଗି ସୋମବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୱାର୍ଡ ନମ୍ବର ୨୨ର ପାୱାର କଲୋନିର ନଦୀ ପାଖ ବସ୍ତି ରାସ୍ତା, ନାଳ, କମ୍ୟୁନିଟି ସେଣ୍ଟର ଓ ପାଇଖାନା ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ସୀମାଞ୍ଚଳ ସୁଆରଙ୍କ ନେତୃତ୍ୱରେ ବସ୍ତି ବାସିନ୍ଦା ଉପଜିଲାପାଳ ଦାୟିତ୍ୱରେ ଥିବା ଗୋପୀନାଥ ସାରକାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ବସ୍ତିରେ ରାସ୍ତା କି ନାଳ, ପାଇଖାନା ଆଦି ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଗୌରୀ ଜାନି, ମିଲି ଜାନି, ସଞ୍ଜୀବନୀ ଜାନି, ଗୀତା ମୁଦୁଲି, ରାମ ପୂଜାରୀ ପ୍ରମୁଖ ପ୍ରକାଶ କରିଛନ୍ତି।

# ଟାର୍ଗେଟ ଶେଷ, ଧାନ ବିକି ପାରିନାହାନ୍ତି ଶତାଧିକ ଚାଷୀ

ଝରିଗାଁ/ପାପଡାହାଣ୍ଡି, ୧୮।୧(ସ୍ୱ.ପ୍ର./ ଡି.ଏନ୍.ଏ)

ମଣ୍ଡିରେ ଧାନ କିଣିବାକୁ ଥିବା ଧାର୍ଯ୍ୟ ଲକ୍ଷ୍ୟ ଶେଷ ହୋଇଗଲା। ତଥାପି ଶତାଧିକ ଚାଷୀ ଚାଷୀ ଧାନ ବିକ୍ରି କରି ନ ପାରି ନାହାନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ଝରିଗାଁ ମଣ୍ଡିରେ ଚାଷୀମାନଙ୍କୁ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଭେଟିଛନ୍ତି ତାଙ୍କ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଛନ୍ତି। ପାପଡାହାଣ୍ଡିରେ ଚାଷୀମାନେ ଶିତ କାକରରେ ଧାନ ଜଗି ବସିଛନ୍ତି।



ଝରିଗାଁରେ ପ୍ରଦୀପ ମାଝି ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ଚଳିତ ବର୍ଷ ଝରିଗାଁ ମଣ୍ଡିରେ ଖରିଫ ଧାନ ବିକ୍ରି ପାଇଁ ୨୧୮୫ ଚାଷୀ ପଞ୍ଜିକୃତ କରିଛନ୍ତି। ଝରିଗାଁ ବ୍ଲକରେ ୧୭ ମିଲ୍ ମାଲିକ ଲ୍ୟାମ୍ପସ୍ ମାଧ୍ୟମରେ ଧାର୍ଯ୍ୟ ଲକ୍ଷ୍ୟ ୧ଲକ୍ଷ୪ ହଜାର କୁଇଣ୍ଟାଲ୍ ଏଫ୍‌ଏକ୍ୟୁ ମାନର ଧାନକିଣିଛନ୍ତି। କିନ୍ତୁ ଏବେ ସୁଦ୍ଧା ୭୯୫ ଚାଷୀ ସେମାନଙ୍କ ଧାନ ବ୍ରକି କରି ପାରି ନାହାନ୍ତି। ସୋମବାର ଅପରାହ୍ନରେ ଝରିଗାଁସ୍ଥିତ ଧାନ ମଣ୍ଡିକୁ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଆସି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଚାଷୀଙ୍କ ଧାନ ବିକ୍ରୀ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି। ଏହି ସମୟରେ କଂଗ୍ରେସ ଜିଲା ସଭାପତି ମନୋରଞ୍ଜନ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ଯୋଗାଣ ନିରିକ୍ଷକ ଦେବେନ୍ଦ୍ର କୁମାର ସେଠିଆ ଉପସ୍ଥିତ ଥିଲେ। ଲ୍ୟାମ୍ପସ ଏମ୍‌ଡି ନରସିଂହ ଗୌଡଙ୍କୁ ପଚାରିବାରୁ ସେ କହିଛନ୍ତି ଧାର୍ଯ୍ୟ ଲକ୍ଷ୍ୟ ପୁରା ହୋଇଛି। ସରକାର ନିର୍ଦ୍ଦେଶ ଦେଲେ ପୁଣି ଧାନ କିଣା ହେବ। ସେହିଭଳି ଧାନ ନ ଉଠିବାରୁ ପାପଡାହାଣ୍ଡି ବ୍ଲକ ଦଳେଇଗୁଡା ମଣ୍ଡିରେ ଚାଷୀମାନେ ଶୀତ କାକରରେ ଫସଲ ଜଗି ବସିଛନ୍ତି। ଟାର୍ଗେଟ ନ ଥିବାରୁ ମିଲର୍ ଆସି ନାହାନ୍ତି। ମଙ୍ଗଳବାର ଧାନ ଉଠିବ ବୋଲି ପାପଡାହାଣ୍ଡି ଲ୍ୟାମ୍ପସ ଏମ୍‌ଡି ଇସ୍ମାଇଲ ସନ୍‌ଫୁଲ୍ କହିଛନ୍ତି।

# ଜୁଆଖେଳ ବେଳେ ଚଢ଼ାଉ, ୨ ଗିରଫ

ଏମ୍‌ଭି ୭୯,୧୮।୧(ଡି.ଏନ.ଏ.)

ମାଲକାନଗିରି ଜିଲା ପଡ଼ିଆ ସାପ୍ତାହିକ ହାଟରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ଏଠାରେ ଜୁଆଖେଳ ଚାଲୁଥିବା ନେଇ କେତେକ ଫଟୋ ହ୍ୱାଟ୍ସଆପ୍ ଜରିଆରେ ଭାଇରାଲ ହେବା ଜାଣିବା ପରେ ପୋଲିସ ଚଢ଼ାଉ କରିଥିଲା। କେସ୍ ନଂ. ୩/୨୧ରେ ମାମଲା ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛଡ଼ାଯାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି କହିଛନ୍ତି। ଧାନ ଅମଳ ପରେ ପଡ଼ିଆ ବ୍ଲକର ବିଭିନ୍ନ ସ୍ଥାନରେ କୁକୁଡ଼ା ଲଢ଼େଇ ସହ ଖୁଡୁଖୁଡ଼ି ଖେଳ ଚାଲିଥାଏ। ଧାନ ବିକ୍ରି ପରେ ବିଭିନ୍ନ ସ୍ଥାନରେ କେତେଜଣ ବ୍ୟକ୍ତି ଏହି ଖେଳ କରିଥାନ୍ତି। କିଛିଦିନ ତଳେ କାଲିମେଳା ବ୍ଲକ ଏହି ଖେଳ ଚାଲିଥିବା ବେଳେ ଚଢ଼ାଉ କରି ପୋଲିସ ଗ୍ରାମବାସୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଗ୍ରାମବାସୀଙ୍କ ଆକ୍ରମଣରେ ଏସ୍‌ଡିପିଓ ଆହତ ହୋଇଥିଲେ। ପରିସ୍ଥିତିର ଗୁରୁତ୍ୱକୁ ନେଇ ପୋଲିସକୁ ଫାଙ୍କା ଗୁଳିଚାଳନା କରିବାକୁ ପଡ଼ିଥିଲା।

# ‘ଆଇ ଲଭ୍ ନବରଙ୍ଗପୁର’ ଲୋକାର୍ପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ନବରଙ୍ଗପୁର,୧୮।୧(ବି.ପ୍ର.)

ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟରେ ମୋ ଖତ, ଏମ୍‌ପିଓଏସ୍ ଓ ଆଇ୍ ଲଭ ନବରଙ୍ଗପୁର ଲୋକାର୍ପିତ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ଏମ୍‌ପି ପ୍ରତିନିଧି ପ୍ରହଲ୍ଲାଦ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆଇ ଲଭ୍ ନବରଙ୍ଗପୁରକୁ ସଦାଶିବ ପାର୍କ ଠାରେ ଲଗାଯିବ ବୋଲି ସୂଚନା ମିଳିଛି। ସେହିଭଳି ପୌରପାଳିକା ପକ୍ଷରୁ ଏକ ପ୍ରାକୃତିକ ସାର ତିଆରି କାରଖାନା ‘ମୋ ଖତ’କୁ ମଧ ଉଦ୍‌ଘାଟିତ କରାଯାଇଛି। ଏଠାରୁ ବାହାରୁଥିବା ଖତକୁ କିଲୋ ପ୍ରତି ୨୦ଟଙ୍କା ରେ ବିକ୍ରି କରାଯିବାର ବ୍ୟବସ୍ଥା ରହିଛି। ସେହିଭଳି ନବରଙ୍ଗପୁର ପୌରପାଳିକାରେ ଟ୍ୟାକ୍ସ ପୈଠ କରିବା ପାଇଁ ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏମ୍‌ପିଓଏସ୍ ବ୍ୟବସ୍ଥା କରାଯାଇଛି। ଏମ୍‌ପିଓଏସ୍ ମାଧ୍ୟମରେ ନବରଙ୍ଗପୁର ପୌରପାଳିକା ମଧ୍ୟରେ ଥିବା ବ୍ୟକ୍ତିମାନେ ଏଣିକି କାର୍ଯ୍ୟାଳୟକୁ ନଯାଇ ଟିକସ ପୈଠ କରିପାଇବେ। ଆସିକ୍ସ ବ୍ୟାଙ୍କ ପକ୍ଷରୁ ପାଞ୍ଚଟି ଡ଼ିଭାଇଜ୍ ନବରଙ୍ଗପୁର ପୌରପାଳିକାକୁ ପ୍ରଦାନ କରାଯାଇଛି।

# ଉପଜିଲାପାଳଙ୍କୁ ଭେଟିଲେ ଦୁରୁଆ ଆଦିବାସୀ ମହିଳା ମହାସଂଘ




ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ମହିଳା ମହାସଂଘ ସଦସ୍ୟା।

ଜୟପୁର,୧୮।୧(ନି.ପ୍ର.)

- ଜଙ୍ଗଲ ଜମି ପଟ୍ଟା ଦାବିକଲେ
- ଶତାଧିକ ପରିବାର ଆବେଦନ କରିଛନ୍ତି
- ବିଭିନ୍ନ କାର୍ଯ୍ୟ ବେଳେ ସମସ୍ୟାରେ ପଡୁଛନ୍ତି

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଗଦେରୀ ପଞ୍ଚାୟତର ବୁଦାଗୁଡ଼ା ଗ୍ରାମର ଦୁରୁଆ ଆଦିବାସୀ ମହିଳା ମହାସଂଘ ସୋମବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି । ଉପଦେଷ୍ଟା ଚନ୍ଦ୍ର ସଗରିଆଙ୍କ ନେତୃତ୍ୱରେ ଶତାଧିକ ଦୁରୁଆ ଆଦିବାସୀ ମହିଳା ଉପଜିଲାପାଳ ଦାୟିତ୍ୱରେ ଥିବା ଗୋପୀନାଥ ସାରକାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ଅଛି ଯେ, କୋଟପାଡ଼ ତହସିଲ ଓ ବ୍ଲକ, ବନଖଣ୍ଡ କୁନ୍ଦୁରାର ଛତର୍ଲା ପଞ୍ଚାୟତ ଅନ୍ତର୍ଗତ ବାର୍କିଗୁଡ଼ା, ଫଟକିଗୁମି, ଲକଟିଗୁଡ଼ା, ନୂଆଗୁଡ଼ା ଓ କୁନ୍ଦୁରା ବ୍ଲକର ବୁଦାଗୁଡ଼ା ଗ୍ରାମ ଛତିଶଗଡ଼ ରାଜ୍ୟ ସୀମାକୁ ଲାଗିଛି। ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ୨୦୦୬-୦୭ ଏବଂ ଅନୁସୂଚିତ ଜନଜାତି ଓ ପାରମ୍ପରିକ ବନବାସୀ ନିୟମ ମୁତାବକ ୫ ଖଣ୍ଡ ଗ୍ରାମର ଶହେରୁ ଅଧିକ ଅଧିବାସୀ ଜଙ୍ଗଲ ଜମି ପଟ୍ଟା ପାଇବା ଲାଗି ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ କିଛିଦିନ ତଳେ କେତେଜଣ ବ୍ୟକ୍ତି ଜଙ୍ଗଲ ଜମି ପଟ୍ଟା ପାଇଲେ । ଅଧିକାଂଶ ଅଧିବାସୀ ଏଯାଏ ପଟ୍ଟା ପାଇନାହାନ୍ତି । ଫଳରେ ସେମାନେ ବିଭିନ୍ନ କାର୍ଯ୍ୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତୁରନ୍ତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାକୁ ଦାବିପତ୍ରରେ ଦାବି କରାଯାଇଛି। ମହାସଂଘ ସଭାପତି ଚକ୍ରବର୍ତ୍ତୀ ଦୁରୁଆ, ସମ୍ପାଦିକା ବାକେରୀ ଦୁରୁଆ, ଚକ୍ରବର୍ତ୍ତୀ ଦୁରୁଆଙ୍କ ସମେତ ଶତାଧିକ ଦୁରୁଆ ଆଦିବାସୀ ମହିଳା ଉପସ୍ଥିତ ଥିଲେ।

# ୯ କୁଇଣ୍ଟାଲ ଗଞ୍ଜେଇ ଜବତ: ଜଣେ ଗିରଫ

## ବଜାର ମୂଲ୍ୟ ହେବ ୫୦ଲକ୍ଷରୁ ଊର୍ଦ୍ଧ୍ୱ

ଚିତ୍ରକୋଣ୍ଡା,୧୮।୧(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ପୋଲିସ ରବିବାର ରାତିରେ ଚୋରାଚାଲାଣ ବେଳେ ୮ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଗୋଟିଏ ବୋଲେରୋ, ୧୨ଶହ ଟଙ୍କା, ମୋବାଇଲ ଫୋନ ସହ କେତେକ କାଗଜପତ୍ର ଜବତ କରିଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ସୂଚନା ଦେଇଛନ୍ତି। ରବିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ବନଗୁରୁ-ରେଖାପାଲି ରାସ୍ତାରେ ଏକ ବୋଲେରୋ(ଓଆର୍ ୨୪ ବି-୦୯୧୪)କୁ ଦେଖି ସନ୍ଦେହରେ ଅଟକାଇ ପୋଲିସ ଯାଞ୍ଚ କରିଥିଲେ। ଏହି ସମୟରେ ସେଥିରୁ ୩୦ଟି ବ୍ୟାଗ୍‌ରେ ଥିବା ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ। ଏହା ଆନ୍ଧ୍ରକୁ ଚାଲାଣ କରାଯାଉଥିଲା। ଅଭିଯୁକ୍ତ ଜଣକ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ପଣସଗନ୍ଧି ଗ୍ରାମର ଲେବିଓ ପାଙ୍ଗୀ(୨୬) ବୋଲି ଜଣାପଡ଼ିଛି। କେସ୍ ନଂ. ୧୨/୨୧ରେ ମାମଲା ରୁଜୁ ହୋଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନାୟକ କହିଛନ୍ତି।

## ପାଇଖାନା ନିର୍ମାଣରେ ଦୁର୍ନୀତି ଘଟଣା

# ବିଡିଓଙ୍କ ଘରେ ଲାଗିଲା ସରକାରଙ୍କ ନିଲମ୍ବିତ ପତ୍ର

ଝରିଗାଁ, ୧୮।୧(ସ୍ୱ.ପ୍ର.)

ହିତାଧିକାରୀଙ୍କ ଶୌଚାଳୟ ନିର୍ମାଣ ଟଙ୍କା ହରିଲୁଟ୍ ଓ ପିସି କାରବାର ଅଭିଯୋଗରେ ରାଜ୍ୟ ପଞ୍ଚାୟତ ଓ ପାନୀୟଜଳ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲା ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧରୁଆଙ୍କୁ ନିଲମ୍ବନ କରାଯାଇଥିଲା। ଏହାକୁ ୩ଦିନ ବିତିଯାଇଥିଲେ ମଧ ବିଡିଓ ଅନୁପସ୍ଥିତ ଥିବାରୁ ଡିଆରଡିଏ ପକ୍ଷରୁ ତାଙ୍କ ସରକାରୀ କ୍ୟାଟର କବାଟ ଏବଂ କାନ୍ଥରେ ଉକ୍ତ ନିଲମ୍ବିତ ପତ୍ରଟିକୁ ଲଗାଯାଇଛି। ସୋମବାର ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳ ପ୍ରସନ୍ନ କୁମାର ରାଉତଙ୍କୁ ଝରିଗାଁ ବିଡିଓ ଭାବେ କାର୍ଯ୍ୟଭାର ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି।

# ଝରିଗାଁ, କୋଷାଗୁମୁଡ଼ାରେ କରୋନା ଟିକାକରଣ

ଝରିଗାଁ/ କୋଷାଗୁମୁଡ଼ା, ୧୮।୧(ସ୍ୱ.ପ୍ର/ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର କରୋନା ଟିକାକରଣ ଆରମ୍ଭ କରାଯାଇଛି। ଏହି ଅବସରରେ ସ୍ଥାନୀୟ ତସିଲଦାର ହୃଷୀକେଶ ଗଣ୍ଡ, ଏଡିଏମ୍‌ଓ ସୁଶାନ୍ତ କୁମାର ଶତପଥୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଡାକ୍ତର ଜରିନ୍ ଜାକରିନ୍, ଡାକ୍ତର ସୁମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ ଆୟୁଷ ଡାକ୍ତର ସନ୍ତୋଷ କୁମାର ପ୍ରଧାନ ପ୍ରଥମେ ଟିକା ନେଇଥିଲେ। ଉପସ୍ଥିତ ଅଧିକାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ବିପିଏମ୍ ପ୍ରିୟଙ୍କା ସିଲ, ଏନ୍‌ଆର୍‌ଏଚ୍‌ଏମ୍ ବ୍ଲକ ଆକାଉଣ୍ଟ ମ୍ୟାନେଜର ବିଶ୍ୱଜିତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ସୋମବାର କରୋନା ଟିକା ଦିଆଯାଇଛି। ନିରାକାର ନାୟକ ପ୍ରଥମେ ଟିକା ନେଇଥିବାବେଳେ ପ୍ରଥମ ଦିନରେ ୧୩୦ ଜଣ ଯୋଦ୍ଧାଙ୍କୁ ଟିକା ଦିଆଯାଇଥିଲା। ଡାକ୍ତର ମନମୋହନ ବିଷୋୟୀ ଓ ପ୍ରଣତୀ ସାହୁ ଏହାର ତଦାରଖ କରିଥିଲେ। ଟିକା ନେବାର ୩୦ମିନିଟ୍ ପର୍ଯ୍ୟନ୍ତ ସେମାନଙ୍କୁ ଅବ୍‌ଜରଭେଶନରେ ରଖାଯାଇଥିଲା। କୌଣସି ଲୋକଙ୍କର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ଜଣାପଡ଼ିଛି। ଆସନ୍ତା ୨୧ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଟିକା ଦିଆଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଜ୍ଞାନରଞ୍ଜନ ପାଢ଼ୀ ସୂଚନା ଦେଇଛନ୍ତି। ଏହି ସମୟରେ ଡାକ୍ତର ମାନସ ସାହୁ, ଜ୍ଞାନରଞ୍ଜନ ପାଢ଼ୀ, ମାନସ ରଥ ଉପସ୍ଥିତ ଥିଲେ।

# ‘ସେବା’ ହିଁ ରେଡ୍‌କ୍ରସ୍‌ର ଆଦର୍ଶ

ନବରଙ୍ଗପୁର,୧୮।୧(ବି.ପ୍ର.)

ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ଜିଲାସ୍ତରୀୟ ରେଡ୍‌କ୍ରସ୍‌ର ସାଧାରଣ ବୈଠକ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାନବ ସେବା ହିଁ ମାଧବ ସେବା ବୋଲି ଜିଲାପାଳ କହିଥିଲେ। ସେବା ହିଁ ରେଡ୍‌କ୍ରସ୍‌ର ଆଦର୍ଶ। ସମାଜରେ ଦୁଃଖୀ ଓ ଦରିଦ୍ରଙ୍କ ସେବା ପାଇଁ ରେଡ୍‌କ୍ରସ୍ ସର୍ବଦା ହାତ ବଢ଼ାଇଥାଏ। ଏହା ଶାନ୍ତି, ମୈତ୍ରୀ ଓ ପ୍ରୀତିରେ ବିଶ୍ୱାସ କରିବା ସହ ସମାଜରେ ମାନବିକତା ପ୍ରତିଷ୍ଠା ପାଇଁ ପାରିପାର୍ଶ୍ୱିକ ବୁଝାମଣା, ସହଯୋଗ ଓ ବନ୍ଧୁତ୍ୱ ବୃଦ୍ଧି କରିଥାଏ ବୋଲି ଜିଲାପାଳ କହିଛନ୍ତି। ସମଦର୍ଶିତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତ ସେବା, ଏକତା, ବିଶ୍ୱବନ୍ଧୁତା ଏହାର ନୀତି ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ଆୟ ଓ ବ୍ୟୟର ହିସାବ ଉପସ୍ଥାପନା କରାଯାଇଥିଲା। ଡାବୁଗାଁ, କୋଡ଼ିଙ୍ଗା ତହସିଲଦାର, ଜିଲା ପଞ୍ଚାୟତ ଅଧିକାରୀ ଏବଂ ଜିଲା ଅବକାରୀ ବିଭାଗ ଅଧିକାରୀ ଆଶାନୁରୂପ ପାଣ୍ଠି ଆଦାୟ କରିଥିବାରୁ ଜିଲାପାଳ ଖୁସି ବ୍ୟକ୍ତ କରିଥିଲେ। ଯେଉଁ ଅଧିକାରୀମାନେ ନିର୍ଦ୍ଧାରିତ ଆଶାନୁରୂପକ ରେଡ୍‌କ୍ରସ୍ ପାଣ୍ଠି ଜମା କରିନାହାନ୍ତି ଅତିଶୀଘ୍ର ଜିଲା ଜରୁରିକାଳୀନ ବିଭାଗରେ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆୟଠାରୁ ବ୍ୟୟର ପରିମାଣ ଅଧିକ ଥିବାରୁ ଜିଲାପାଳ ଗୃହରେ କ୍ଷୋଭ ପ୍ରକାଶ କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିର ଆୟ ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ନିବେଦିତା ମହାନ୍ତି, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଉପଜିଲାପାଳ ଭାସ୍କର ରଇତ, ଜିଲା ଜରୁରିକାଳୀନ ଅଧିକାରୀ ମୌସୁମୀ ନାୟକ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିହାଲ, ବରିଷ୍ଠ ଆଇନଜୀବୀ ସମରେଶ ଗନ୍ତାୟତ, ଅଧାପିକା ଚନ୍ଦନା ପଣ୍ଡା, ପୋଡ଼ାଗଡ ଡ୍ୟାମ୍ ଉପର ଇନ୍ଦ୍ରାବତୀ ପ୍ରୋଜେକ୍ଟ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସାହୁ,ସହାରାର ନିର୍ଦ୍ଦେଶକ ମନୋଜ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅତିଥିମାନେ।

# ରେଲିସାହି ଶ୍ମଶାନର ବିକାଶ ଦାବି

ଜୟପୁର, ୧୮।୧(ନି.ପ୍ର.)

ଜୟପୁର ଜୟନଗର ରେଲିସାହି ମେଗମାଳ ତୋଟାରେ ଥିବା ଶ୍ମଶାନର ବିକାଶ ନେଇ ସୋମବାର ଜୟପୁର ପୌରାଞ୍ଚଳ ରେଲିସାହି ବାସିନ୍ଦା ଉପଜିଲାପାଳ ଦାୟିତ୍ୱରେ ଥିବା ଗୋପୀନାଥ ସାରକାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମେଗମାଳ ତୋଟାଠାରେ ଥିବା ଶ୍ମଶାନର ଉନ୍ନତି ପାଇଁ ଆମେ ୩ ବର୍ଷ ହେବ ଲିଖିତ ରୂପେ ଜଣାଇଥିଲୁ । ମାତ୍ର ପ୍ରଶାସନ ଏଯାଏ କୌଣସି ପଦକ୍ଷେପ ନେଇନାହିଁ। ଶ୍ମଶାନକୁ ଯିବା ପାଇଁ ରାସ୍ତା ନାହିଁ କି ପାଚେରି ମଧ ନାହିଁ । ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି ଶ୍ମଶାନ। ଏହାକୁ ସଫା କରାଯାଉନାହିଁ। ପ୍ରଶାସନ ପକ୍ଷରୁ ଶ୍ମଶାନକୁ ରାସ୍ତା ଓ ପାଚେରି ନିର୍ମାଣ କରିବାକୁ ବି. କାର୍ତ୍ତିକ, ବି. କ୍ରିଷ୍ଣା ହରିଜନ ପ୍ରମୁଖ ଦାବି କରିଛନ୍ତି।

# ଚେକ୍‌ଡ୍ୟାମ, ପୋଖରୀ କାର୍ଯ୍ୟ ତଦାରଖ

ନବରଙ୍ଗପୁର,୧୮।୧(ବି.ପ୍ର.)

**ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ**

ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ହେମନ୍ତ ପଣ୍ଡା ସୋମବାର ନବରଙ୍ଗପୁର ଜିଲା ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପାପଡାହାଣ୍ଡି ବ୍ଲକ ମାନିଙ୍ଗା ପଞ୍ଚାୟତ ମହେନ୍ଦ୍ରୀରେ ନିତି ଆୟୋଗ ଯୋଜନାରେ ତିଆରି ଚେକ୍ ଡ୍ୟାମ ଦେଖିଥିଲେ। ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତଳମୁଣ୍ଡରେ ଆଉ ଏକ ଚେକ୍‌ଡ୍ୟାମ ତିଆରି କରିବାକୁ ଚାଷୀମାନେ ପ୍ରସ୍ତାବ ଦେଇଥିଲେ। ଏହା ପରେ ଝରିଗାଁ ବ୍ଲକ ଧାମନାଗୁଡାରେ ନିତି ଆୟୋଗ ଯୋଜନାରେ ହୋଇଥିବା ଚେକ ଡ୍ୟାମ ଓ ଏମଜିଏନ୍‌ଆର୍‌ଇଜିଏସ୍‌ରେ କଲମି କାଜୁବଗିଚା ପରିଦର୍ଶନ କରିଥିଲେ। ଏହା ପରେ ମାଝିଗୁଡା ପଞ୍ଚାୟତରେ ନିର୍ମାଣ କରାଯାଇଥିବା ଚେକ୍‌ଡ୍ୟାମ ଓ ପୋଖରୀ ଦେଖିଥିଲେ। ଏହା ପରେ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ମିଳନୀ କକ୍ଷରେରେ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ବୈଠକ ହୋଇଥିଲା। ଏଥିରେ ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ନାୟକ ଓ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ, କ୍ଷେତ୍ର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।



ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ବର୍ଷେ ହେଲା ସରକାରୀ ସୁବିଧାରୁ ବଞ୍ଚିତ ଶିଶୁ

ବିଷମକଟକ,୧୮।୧

- ସମନ୍ୱିତ ଶିଶୁ ବିକାଶ ବିଭାଗର ଅବହେଳା
- ବିଡିଓଙ୍କୁ ଅଭିଯୋଗ ଜଣାଇଲେ ଗ୍ରାମବାସୀ
- ଗାଁରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଦାବି

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ସରକାରଙ୍କ ଦ୍ୱାରା ମାଗଣାରେ ଅଣ୍ଡା, ଛତୁଆ, ପୋଷାକ ଏବଂ ଅନ୍ୟାନ୍ୟ ଜିନିଷ ଦିଆଯାଉଛି। ହେଲେ ରାୟଗଡ଼ା ଜିଲା ବିଷମକଟକସ୍ଥିତ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନରେ ରହିଥିବା ୩ ଗ୍ରାମର ଶିଶୁ ବର୍ଷେ ହେଲା ଏଥିରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ୩ ଗ୍ରାମର ଅଧିବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିରୋଧରେ ବିଷମକଟକ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଷମକଟକ ବ୍ଲକ୍ କୋଣାବାଇ ପଞ୍ଚାୟତର ସାନମେରେଣ୍ଡି, ବଡ଼ଜମଟି ଏବଂ ସାନଜମଟି ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ମହିଳା ବିଡିଓଙ୍କୁ ସାକ୍ଷାତକରି ଅଭିଯୋଗ ଜଣାଇଛନ୍ତି।

କୋଣାବାଇ ପଞ୍ଚାୟତର ଅନ୍ୟ ଗ୍ରାମଗୁଡ଼ିକରେ ଏହି ସୁବିଧା ଉପଲବ୍ଧ ଥିବାବେଳେ ଏହି ୩ ଗାଁ ଅବହେଳିତ ଅବସ୍ଥାରେ ରହିଥିବା ସେମାନେ କହିଛନ୍ତି। ସେହିପରି ବିଭାଗୀୟ କର୍ମଚାରୀ ଏସବୁ ବାଟମାରଣା କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଚାଟିକଣାସ୍ଥିତ ଚାଇଲ୍ଡଲାଇନ ସବ୍ ସେଣ୍ଟର ସଦସ୍ୟ ସୁରଜିତ୍ ଡୁଙ୍ଗଡୁଙ୍ଗ, ରାଧେଶାମ ହିଆଲ, ସାଧୁ କଲକାଙ୍କ ତତ୍ତ୍ୱାବଧାନରେ ମହିଳାମାନେ ବିଡିଓଙ୍କୁ ଭେଟି ସମସ୍ୟା ଜଣାଇବା ସହ ଉକ୍ତ ଗ୍ରାମଗୁଡ଼ିକରେ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ପାଇଁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ସାନମରଣ୍ଡି ଗ୍ରାମରେ ୪୬, ବଡ଼ଜମଟି ଗାଁରେ ୧୭ ଏବଂ ସାନଜମଟି ଗାଁରେ ୫ ପରିବାର ବସବାସ କରୁଛନ୍ତି। ହେଲେ ଦୀର୍ଘଦିନ ଧରି ସେମାନଙ୍କ ଶିଶୁଙ୍କୁ କୌଣସି ଅଙ୍ଗନୱାଡି ସୁବିଧା ମିଳୁ ନ ଥିବା କହିଛନ୍ତି। ସରକାରୀ ଯୋଜନାରେ ଲୋକଙ୍କୁ ମାଗଣାରେ ସୁବିଧା ମିଳୁଥିବାବେଳେ ଏଠାରେ ବର୍ଷେ ଧରି ହିତାଧିକାରୀଙ୍କୁ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଉଥିବା ଗ୍ରାମର ତିଲେ ହିକକା, କୋକାମା ହିକକା, ଏଙ୍କାମା, କାଞ୍ଚମା ହିକକା, କମଳା ମିନିଆକା, ଜିମ୍ପି ହିକକା, ଚମ୍ପି ହିକକା, ଦୟାମା ହିକକା, ତୁଲେମା ହିକକା, ଲକ୍ଷ୍ମୀ ହିକକା ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ବିଷମକଟକ ବିଡିଓ ଆଲବର୍ଟ ଲାକ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗୀୟ ଅଧିକାରୀଙ୍କୁ ଏହାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଷମକଟକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସୁଶୀଳା ଶବର କହିଛନ୍ତି, ଗ୍ରାମଗୁଡ଼ିକୁ ଯାତାୟାତ ନିମନ୍ତେ ଉପଯୁକ୍ତ ରାସ୍ତା ନାହିଁ। ତଥାପି ବିଭାଗ ପକ୍ଷରୁ ସମସ୍ତ ଜିନିଷ ଦିଆଯାଉଛି। ତେବେ ଗ୍ରାମବାସୀଙ୍କ ଅଭିଯୋଗକୁ ସମ୍ମାନ ଦେଇ ଏହାର ତଦନ୍ତ କରିବୁ। କୌଣସି ଅବହେଳା ହୋଇଥିବା ଜଣାପଡ଼ିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିସ କରାଯିବ ବୋଲି ସେ କହିଛନ୍ତି।



ବିଡିଓଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

